## ସଂକ୍ଷେପରେ

### ମହାରାଷ୍ଟ୍ରରେ ଓଡ଼ିଆ ଶ୍ରମିକ ନିଖୋଜ



ଢେଙ୍କାନାଳ, ୨୪।୮ (ରତନ ନାୟାର)

ମହାରାଷ୍ଟ୍ରକୁ ଦାଦନ ଖଟି ଯାଇଥିବା ଜଣେ ଓଡ଼ିଆ ଶ୍ରମିକ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ଢେଙ୍କାନାଳ ସଦର ଥାନା କାଉଁରିଆପାଳ ଗ୍ରାମର ସନାତନ ସ୍ୱାଇଁ। ସ୍ୱାମୀଙ୍କୁ ଠାବ କରିବା ଲାଗି ସ୍ତ୍ରୀ ମମତା ସ୍ୱାଇଁ ଜିଲା ଶ୍ରମ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଘଟଣାରୁ ଜଣାପଡ଼ିଛି, ସନାତନ ଗତ ଅଗଷ୍ଟ ୧୮ରେ ଢେଙ୍କାନାଳ ରେଳ ଷ୍ଟେଶନରୁ ଟ୍ରେନ୍‌ରେ ମହାରାଷ୍ଟ୍ର ଯାଇଥିଲେ। ନାସିକ ନିକଟ ବାଲିଖେତାସ୍ଥିତ ଏକ କମ୍ପାନୀରେ ସେ ୨୦ ତାରିଖରେ ଯୋଗଦେଇଥିଲେ। ୨୧ ତାରିଖ ସକାଳେ କମ୍ପାନୀ ମେସକୁ ଯାଇଥିଲେ। ତେବେ ରାତି ୮ଟା ପରେ ସେ ହଠାତ୍ ସନ୍ଦେହଜନକ ଭାବେ ନିଖୋଜ ହୋଇଯାଇଛନ୍ତି। ତାଙ୍କ ସହଯୋଗୀମାନେ ଏ ନେଇ ଘରକୁ ସୂଚନା ଦେବା ପରେ ସ୍ତ୍ରୀ ମମତା ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ସ୍କୁଲ ତାଲା ଭାଙ୍ଗି ଟିଭି ଚୋରି

ପରଜଙ୍ଗ, ୨୪।୮ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ଗେଙ୍ଗୁଟିଆ ପଞ୍ଚାୟତ କୁଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଶ୍ରେଣୀ ପ୍ରକୋଷ୍ଠ ତାଲା ଭାଙ୍ଗି ଏକ ଏଲ୍‌ଇଡି ଟିଭି ନେଇଯାଇଛନ୍ତି। ବୁଧବାର ସକାଳେ ଏହା ଜଣାପଡ଼ିବା ପରେ ପ୍ରଧାନ ଶିକ୍ଷକ ଏବଂ ସ୍କୁଲ କମିଟି ପକ୍ଷରୁ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ କହିଛନ୍ତି। ପରଜଙ୍ଗ ଅଞ୍ଚଳରେ କିଛିଦିନ ହେଲା ଚୋରି ବଢ଼ିବାରେ ଲାଗିଛି। ଅଭିଯୁକ୍ତମାନେ ଜାତୀୟ ରାଜପଥରେ ଯାଉଥିବା ଭାରିଯାନଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇବା ସହ ଡିଜେଲ ଚୋରି କରି ନେଇ ଯାଉଛନ୍ତି। ତେଣୁ ଜାତୀୟ ରାଜପଥରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

### ଜାତିଆଣ ମାମଲା: ୨ ନିର୍ଦ୍ଦୋଷ

କାମାକ୍ଷାନଗର, ୨୪।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଗୁରୁବାର ଏକ ଜାତିଆଣ ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ଜଜ୍ ମଧୁମିତା ମହାନ୍ତି ଏହାର ଶୁଣାଣି କରି ଦୁଇ ଅଭିଯୁକ୍ତ ଗୌରାଙ୍ଗ ବେହେରା, କୌଶଲ୍ୟା ବେହେରାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, କଙ୍କଡ଼ାହାଡ଼ ଥାନା ଖଜୁରିଆ ଗ୍ରାମର ଚିନା ସେଠୀଙ୍କୁ ଗୌରାଙ୍ଗ ଏବଂ କୌଶଲ୍ୟା ଜାତିଆଣ ଆକ୍ଷେପ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ନେଇ ୨୦୧୬ ଡିସେମ୍ବର ୨୭ରେ ଅଭିଯୋଗ ହୋଇଥିଲା। ଏ ନେଇ କଙ୍କଡ଼ାହାଡ଼ ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ସେମାନେ ପରେ ଜାମିନରେ ଆସିଥିଲେ। ଏହି ମାମଲାରେ ୯ ଜଣଙ୍କ ବୟାନକୁ ଭିତ୍ତିକରି କୋର୍ଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ସର୍ବଜିତ୍ ଜୀ ମାମଲା ପରିଚାଳନା କରିଥିବାବେଳେ ଆଇନଜୀବୀ ଆଶୁତୋଷ ସାହୁ, ଶରତ କୁମାର ମିଶ୍ର ଏଥିରେ ସହଯୋଗ କରିଥିଲେ।

# ପ୍ରତିବାଦ ପରେ ମିଳିଲା ପ୍ରତିଶ୍ରୁତି

**ଶୁଣୁନାହିଁ ଏନ୍‌ଏଚ୍‌ଏଆଇ, ବଢୁଛି ଅସନ୍ତୋଷ**

ପରଜଙ୍ଗ, ୨୪।୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ୫୩ନଂ. ଜାତୀୟ ରାଜପଥର ସରାଙ୍ଗ ଚେକ୍‌ଗେଟ୍‌ଠାରୁ ଜଟିଆ ଛକ ଏବଂ ବ୍ରାହ୍ମଣୀ ନଦୀ ପୋଲ ଖାଲଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଛି। ବାରମ୍ବାର ଦାବି, ପ୍ରତିବାଦ ସତ୍ତ୍ୱେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଏହାର ମରାମତି ଦିଗରେ ଆନ୍ତରିକତା ଦେଖାଉନାହିଁ। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ସମସ୍ୟାର ସମାଧାନ ପାଇଁ ଜଟିଆ ଯୁବ ସଙ୍ଗଠନ ଆବାହକ ପ୍ରେମାନନ୍ଦ ସାହୁଙ୍କ ନେତୃତ୍ୱରେ ଅଞ୍ଚଳର ବୁଦ୍ଧିଜୀବୀ ଏକାଠି ହୋଇ ଗୁରୁବାର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହାପରେ ଏନ୍‌ଏଚ୍‌ଏଆଇ ଅଧିକାରୀ ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ତଦନୁଯାୟୀ ସରାଙ୍ଗ ଛକ ନିକଟରେ ଟ୍ରାଫିକ ପୋଷ୍ଟ ନିର୍ମାଣ କରାଯିବ। ଯାତାୟାତ ସୁବିଧା ପାଇଁ ଜଟିଆ ଛକ ନିକଟରେ ରାସ୍ତାର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ରାସ୍ତା ନିର୍ମାଣ ହେବ। ପୋଲ ଯାଞ୍ଚ କରି ଆବଶ୍ୟକ ମରାମତି ହେବ। ଏଥିସହ ସରାଙ୍ଗ ଚେକ୍‌ଗେଟ୍‌ଠାରୁ ଜଟିଆ ଛକ ରାସ୍ତା ମରାମତି ହେବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଇଛି।



ଅଧିକାରୀମାନେ ଯୁବ ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ଆଲୋଚନା ବେଳେ କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ତହସିଲଦାର ସିରିୟଲ ଶୁଭ୍ର ପଟେଲ, ଆଇଆଇସି ପ୍ରଶାନ୍ତ କୁମାର ପାତ୍ର, ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଯୁବ ସଙ୍ଗଠନର ସଲିମ୍ ସାହୁ, ଶିବାଶିଷ ସାହୁ, ରାଜେଶ ସାହୁ, ଜିଲୁ ସାହୁ, ଜ୍ଞାନରଞ୍ଜନ ସାହୁ, ସିପୁନ ପୃଷ୍ଟି, ଆକାଶ ଦେହୁରୀ, ରାଜକିଶୋର ସାହୁ, ଏନ୍‌ଏଚ୍‌ଏଆଇ ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗ ଅନୁଯାୟୀ, ଅଞ୍ଚଳର ଅନ୍ୟତମ ବ୍ୟବସାୟିକ ପେଣ୍ଠସ୍ଥଳୀ ଜଟିଆ ଛକ ୫୩ନଂ. ଜାତୀୟ ରାଜପଥ ନିକଟରେ ଅବସ୍ଥିତ। ଜଟିଆ ଗ୍ରାମବାସୀଙ୍କୁ ୫୩ନଂ. ଜାତୀୟ ରାଜପଥକୁ ଯିବାକୁ ହେଲେ ଖାଲଖମାରେ ପରିପୂର୍ଣ୍ଣ ମାଟି ରାସ୍ତା ଅତିକ୍ରମ କରିବାକୁ ପଡୁଛି। ଜଟିଆ ଛକଠାରୁ ୧୦୦ ମିଟର ଦୂରରେ ଥିବା ସରାଙ୍ଗ ଚେକ୍‌ଗେଟ ନିକଟରେ ଥିବା ଅନନ୍ତଶୟନ ହାଇସ୍କୁଲକୁ ଛାତ୍ରୀଛାତ୍ର ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଦୁର୍ଘଟଣା ଏଡ଼ାଇବାକୁ ଶିକ୍ଷାନୁଷ୍ଠାନ ପକ୍ଷରୁ ଜଣେ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ପଡୁଛି। ଉମୋଳ ଗ୍ରାମବାସୀ ମଧ୍ୟ ପୂର୍ତ୍ତ ବିଭାଗ ରାସ୍ତାରେ ଜଟିଆ ଛକ ଦେଇ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି। ପିଟିରି ଛକରେ ୫୩ ଏବଂ ୧୪୯ ନମ୍ବର ଜାତୀୟ ରାଜପଥ ସଂଯୋଗ କରୁଥିବାରୁ ରାସ୍ତାରେ ହଜାର ହଜାର ସଂଖ୍ୟାରେ ଯାନବାହନ ଚଳାଚଳ କରୁଛି। ସରାଙ୍ଗ ଅନନ୍ତଶୟନ ପୀଠ ପରିଦର୍ଶନ କରିବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି। ତେଣୁ ସମ୍ପୃକ୍ତ ଅଞ୍ଚଳରେ ଗମନାଗମନ ସୁଗମ କରିବା ଲାଗି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ତ୍ୱରିତ ପଦକ୍ଷେପ ନେବାକୁ ଜଟିଆ ଯୁବ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

# ଗୋଟିଏ ଗୋଡ଼ରେ ଭତ୍ତା ପାଇଁ ଦୌଡ଼

**୧୬ ବର୍ଷ ହେଲା ସରୁନାହିଁ ଦୁଷ୍ମନ୍ତଙ୍କ ସଂଘର୍ଷ**

ପରଜଙ୍ଗ, ୨୪।୮ (ନିଗମାନନ୍ଦ ଦଳବେହେରା)

ଜନ୍ମରୁ ଗୋଟିଏ ଗୋଡ଼ ଅଚଳ। ପ୍ରମାଣପତ୍ର କହୁଛି ୫୦% ଦିବ୍ୟାଙ୍ଗ। ନିୟମ ଅନୁଯାୟୀ ଅନେକ ସରକାରୀ ଯୋଜନାର ଲାଭ ପାଇବାକୁ ଯୋଗ୍ୟ। ହେଲେ ଅଦ୍ୟାବଧି ଦୂର ହୋଇପାରିନାହିଁ ଦୁଃଖ। ଏଭଳି ସ୍ଥିତିରେ ଗୋଟିଏ ଗୋଡ଼ରେ ୧୬ ବର୍ଷ ହେଲା ଭତ୍ତା ପାଇଁ ଦୌଡ଼ ଲଗାଇଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତ ବସନ୍ତପଡ଼ା ଗ୍ରାମର ୩୫ ବର୍ଷୀୟ ଯୁବକ ଦୁଷ୍ମନ୍ତ ବିଶ୍ୱାଳ (୩୫)। ତଥାପି ତାଙ୍କ ଭତ୍ତା ଅପେକ୍ଷାର ଅନ୍ତ ହେଉନାହିଁ।

ଅଭିଯୋଗ ଅନୁଯାୟୀ, ପିଲାଟି ଦିନରୁ ବାପାଙ୍କୁ ହରାଇଥିବା ଦୁଷ୍ମନ୍ତଙ୍କ ଗୋଟିଏ ଗୋଡ଼ ଜନ୍ମରୁ ଅଚଳ। ୨୦୦୬ରେ ତାଙ୍କୁ ପ୍ରଦାନ କରାଯାଇଛି ଭିନ୍ନକ୍ଷମ ପ୍ରମାଣପତ୍ର, ଯେଉଁଥିରେ ସେ ୫୦% ଦିବ୍ୟାଙ୍ଗ ବୋଲି ଉଲ୍ଲେଖ ରହିଛି। ଭତ୍ତା ମଞ୍ଜୁର କରିବା ଲାଗି ମା' ପୁଅ ଦୁହେଁ ଦୀର୍ଘ ୧୬ ବର୍ଷ ଧରି ସରକାରୀ କାର୍ଯ୍ୟାଳୟ, ପ୍ରଶାସନିକ ଅଧିକାରୀଙ୍କୁ ନେହୁରା ହୋଇ ଥକି ଯାଇଥିଲେ ମଧ୍ୟ ଦାବି ପୂରଣ ହୋଇପାରିନାହିଁ। ଫଳରେ ମା'ଙ୍କୁ ମିଳୁଥିବା ବିଧବା ଭତ୍ତା ଟଙ୍କାରେ ଦୁଇ ପ୍ରାଣୀ ବଡ଼ କଷ୍ଟରେ ଚଳୁଛନ୍ତି। ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଲାଗି ସରକାରୀସ୍ତରରେ ଏକାଧିକ ଯୋଜନା ହେଉଥିବାବେଳେ ଦୁଷ୍ମନ୍ତ ଏଥିରୁ ବଞ୍ଚିତ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି।



ମା' ଅତର ବିଶ୍ୱାଳଙ୍କ ସହ ଦୁଷ୍ମନ୍ତ।

ଏ ସଂକ୍ରାନ୍ତରେ ବିଡିଓ ମନ୍ମଥ ନାୟକ କୁହନ୍ତି, ଦୁଷ୍ମନ୍ତଙ୍କୁ ଯେଉଁ ପୁରୁଣା ପ୍ରମାଣପତ୍ର ମିଳିଛି, ତାହା ଏବେ କାମ ଦେଉନାହିଁ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଜିଆର୍‌ଏସ୍‌ଙ୍କୁ ପୂର୍ଣ୍ଣାଙ୍ଗ ତଥ୍ୟ ଦିଆଯିବା ଜରୁରୀ। ଏହାପରେ ଅଧିକାରୀମାନେ ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରି ନୂତନ ପ୍ରମାଣପତ୍ର ଦେବା ବ୍ୟବସ୍ଥା କରିବେ। ଏହାପରେ ଦୁଷ୍ମନ୍ତଙ୍କୁ ଭତ୍ତା ପ୍ରଦାନ କରାଯିବ।

# ଆମ ପୋଲିସ ବୈଠକ

ରାସୋଳ, ୨୪।୮ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଓ ଆମ ପୋଲିସ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ଏସ୍‌ଡିପିଓ ଦୀପକ ଜେନା, ରାସୋଳ ଥାନାଧିକାରୀ ବିଜୟ କୁମାର ହାଇବ୍ରୁଙ୍କ ସମେତ ୧୫ ପଞ୍ଚାୟତର ସରପଞ୍ଚ, ବ୍ୟବସାୟୀ, ବରିଷ୍ଠ ନାଗରିକଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଟ୍ରାଫିକ୍ ନିୟମ ମାନିବା, ନାବାଳକଙ୍କୁ ଗାଡ଼ି ଚଳାଇବାକୁ ନ ଦେବା, ସନ୍ଦିଗ୍ଧ ଅଭିଯୁକ୍ତ ଏବଂ ସେମାନଙ୍କ କାର୍ଯ୍ୟକଳାପ ସମ୍ପର୍କରେ ପୋଲିସକୁ ସୂଚନା ଦେବା, ବରିଷ୍ଠ ନାଗରିକଙ୍କ ସୁରକ୍ଷା ଆଦି ବିଷୟରେ ଆଲୋଚନା ହୋଇଥିଲା। ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା, ପଞ୍ଚାୟତ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଇବା, ପ୍ରତି ମାସରେ ଆମ ପୋଲିସ ବୈଠକ କରିବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ଜନସାଧାରଣଙ୍କ ସହଯୋଗରେ ଗଠନମୂଳକ କାର୍ଯ୍ୟ କରିବା ଲାଗି ଏସ୍‌ଡିପିଓ ପରାମର୍ଶ ଦେଇଛନ୍ତି।



ବୈଠକରେ ପୋଲିସ ଅଧିକାରୀ, ଜନପ୍ରତିନିଧି ଏବଂ ବୁଦ୍ଧିଜୀବୀ।

# ଯୋଜନାର ସଫଳ ରୂପାୟନ କର

ଢେଙ୍କାନାଳ, ୨୪।୮ (ରତନ ନାୟାର)

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରି ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଦିଗରେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଜିଲାର ସହରାଞ୍ଚଳର ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାରେ ୬୬ଟି ମିଶନ ଶକ୍ତି ଗୃହ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଅଦ୍ୟାବଧି ୫୫ଟି ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ୧୦ଟି ଗୃହ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲାରେ ୨୨୨୦ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ସେଥିରୁ ୨୨୦୦ କେନ୍ଦ୍ରର ନିଜସ୍ୱ ଗୃହ ପାଇ ଅର୍ଥ ମଞ୍ଜୁର ହୋଇଛି। ୨୦୩୦ଟି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ସରିଛି। ଅବଶିଷ୍ଟ ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ମାର୍ଟ ପାର୍କ ଏବଂ ଅତ୍ୟାଧୁନିକ ଶବଦାହ ଗୃହ ନିର୍ମାଣ କାର୍ଯ୍ୟ, ଆମ ଓଡ଼ିଶା–ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ହାତକୁ ନିଆଯାଇଥିବା ୩୧୮ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବୈଠକରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ତାଳଚେର, ୨୪।୮ (ମନୋଜ ନନ୍ଦ)

ଦୁର୍ନୀତି, ଭ୍ରଷ୍ଟାଚାର, ବିରୋଧରେ ତାଳଚେର ବ୍ଲକର ଧରମପୁର ଓ ବ୍ରଜନାଥପୁର ପଞ୍ଚାୟତ ଅଫିସ ସମ୍ମୁଖରେ ଗୁରୁବାର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରିଷ୍ଠ ନେତା ତଥା ଭାରତ ସରକାରଙ୍କ କ୍ଷୁଦ୍ର ଶିଳ୍ପ ନିଗମ ନିର୍ଦ୍ଦେଶକ କାଳିନ୍ଦୀ ସାମଲଙ୍କ ନେତୃତ୍ୱରେ ଏହି ବିକ୍ଷୋଭରେ ଅଜୟ ସାହୁ, ପର୍ଶୁରାମ ବାରିକ, ତାପସ ସାହୁ, ସୁଶାନ୍ତ ପ୍ରଧାନ, ଖଇରା ପ୍ରଧାନ, ଦିବ୍ୟରଞ୍ଜନ ଦାସ, ସୁଶୀଲ ସାହୁ, କୁନ୍ତଳା ମହାପାତ୍ର, ବିଭୂତି ପ୍ରଧାନ, ସୁଧାକର ତୁଙ୍ଗଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ବ୍ରଜନାଥପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମଣ୍ଡଳ ସଭାପତି ତଥା ସ୍ଥାନୀୟ ସରପଞ୍ଚ ନରେଶ ଚନ୍ଦ୍ର ବେହେରା, ସନ୍ତୋଷ କର, ସରୋଜ ସାହୁ, ଦଣ୍ଡଧର ବେହେରା, ହରମୋହନ କବିଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

# 'କ୍ରୀଡ଼ାବିତ୍‌ଙ୍କୁ ଲୋଡ଼ା ଗୁଣାତ୍ମକ ଖାଦ୍ୟ'

କାମାକ୍ଷାନଗର, ୨୪।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ଅନ୍ତର୍ଜାତୀୟ ପୁଷ୍ଟିସାର ଶସ୍ୟ ବର୍ଷ ଉପଲକ୍ଷେ ଆଲୋଚନା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମିଲେଟ୍ ମିଶନ ଏବଂ ଜିଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବ୍ଲକ କୃଷି ଅଧିକାରୀ ଦିଲୀପ କୁମାର ମିଶ୍ର ଯୋଗଦେଇ କହିଲେ, ସବୁବର୍ଗର ବ୍ୟକ୍ତିବିଶେଷଙ୍କୁ ପୁଷ୍ଟିଶସ୍ୟର ଆବଶ୍ୟକତା ରହିଛି। ବିଶେଷ କରି କ୍ରୀଡ଼ାବିତ୍‌ଙ୍କ ଲାଗି ନିର୍ଦ୍ଧାରିତ ପରିମାଣର ଶସ୍ୟଭିତ୍ତିକ ଗୁଣାତ୍ମକ ପୁଷ୍ଟିକର ଖାଦ୍ୟ ନିହାତି ଜରୁରୀ। ଏ ବିଷୟରେ ସମସ୍ତେ ଜାଣିବା ଉଚିତ।

ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ତଥା ଶିକ୍ଷାନୁଷ୍ଠାନର ପୂର୍ବତନ ଛାତ୍ରୀ ସୁମନ ରାଉତ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରାଇଥିଲେ। ମିଲେଟ୍ ମିଶନ ଡିପିସି ରାକେଶ ସାହୁ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷକ ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ ରାଉତ କ୍ରୀଡ଼ା ପରିଚାଳନା କରିଥିଲେ। ମିଲେଟ୍ ମିଶନର ଜିଲା କୋଷାଧ୍ୟକ୍ଷ ଜୟରାମ ପ୍ରଧାନ, ଶାରୀରିକ ଶିକ୍ଷା ଶିକ୍ଷକ ବାନାର୍ଜୀ ମହାନ୍ତି, ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ନିରଞ୍ଜନ ସାହୁ, ନିର୍ମଳ ମହାନ୍ତି, ସମରେନ୍ଦ୍ର ନାୟକ, ପ୍ରହ୍ଲାଦ ସାହୁ, ବସନ୍ତ ସାହୁ, ସୌଭାଗ୍ୟ ସାହୁ, ଦିଲୀପ ଦାଶ, ଆକାଶ ରାଉତ, ଶିକ୍ଷୟିତ୍ରୀ କବିତା ରାଉତ, ସୁମିତ୍ରା ଜେନା, ପ୍ରଭାତୀ ସାହୁ, ଗୀତା ମହାପାତ୍ର, ଶିକ୍ଷା କର୍ମଚାରୀ ଗିରୀଶ ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# କପିଳାସ ପୀଠ ସୁନାମରେ ଆଞ୍ଚ ନ ଆସୁ

ଢେଙ୍କାନାଳ, ୨୪।୮ (ରତନ ନାୟାର)

**ଶ୍ରଦ୍ଧାଳୁଙ୍କୁ ମାର୍ଜିତ ବ୍ୟବହାର ଉପରେ ଗୁରୁତ୍ୱ**

ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସକୁ ଆସୁଥିବା ଯାତ୍ରୀଙ୍କୁ ଶୋଷଣ କରାଯାଉଥିବା ନେଇ ପୂର୍ବତନ ବିଧାୟକ ନବୀନ ନନ୍ଦ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲଠାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ବୈଠକରେ ଜିଲାପାଳ ସରୋଜ କୁମାର ସେଠୀ ଅଧ୍ୟକ୍ଷତା କରି କପିଳାସ ପୀଠ ସୁନାମରେ ଯେପରି ଆଞ୍ଚ ନ ଆସିବ, ସେ ନେଇ ଗୁରୁତ୍ୱାରୋପ କରିଛନ୍ତି। ଯାତ୍ରୀଙ୍କଠାରୁ ନିର୍ଦ୍ଧାରିତ ଦେୟଠାରୁ ଅଧିକ ପାର୍କିଂ ଫି' ଆଦାୟ ନ କରିବା, ପାର୍କିଂକୁ ସୁବ୍ୟବସ୍ଥିତ କରିବା, ଶ୍ରଦ୍ଧାଳୁଙ୍କୁ ମାର୍ଜିତ ବ୍ୟବହାର ପ୍ରଦର୍ଶନ ଲାଗି ଟୋଲ୍‌ଗେଟ୍ ଲିଜ୍‌ଧାରୀଙ୍କୁ ଜିଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ବଡ଼ଦାଣ୍ଡ, ରାସ୍ତାପାର୍ଶ୍ୱ ଏବଂ ୧୧ନଂ. ବାଙ୍କ ସଂଲଗ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏଥିସହ ପୀଠରେ ଲାଗି ରହିଥିବା ସମସ୍ୟା ସମାଧାନ ଲାଗି କମିଟି ଗଠନ କରାଯିବ ବୋଲି ସେ କହିଛନ୍ତି। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଟ୍ରାଫିକ ନିୟନ୍ତ୍ରଣ, ବ୍ୟବସ୍ଥିତ ଗାଡ଼ି ପାର୍କିଂ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀଜୀଉଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ, ସେବାୟତଙ୍କ ସମସ୍ୟାର ସମାଧାନ ଉପରେ ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଶୁକ୍ରବାର ସ୍ୱାଭିମାନ ମଞ୍ଚ ପକ୍ଷରୁ ନିଆଯାଇଥିବା ଧାରଣା ନିଷ୍ପତ୍ତି ପ୍ରତ୍ୟାହୃତ ହୋଇଥିବା ପୂର୍ବତନ ବିଧାୟକ କହିଛନ୍ତି।

ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଦେବୋତ୍ତର ଅଧିକାରୀ ହରିହର ପଞ୍ଝିଆତି, ଗଁଦିଆ ଥାନାଧିକାରୀ ସତ୍ୟବ୍ରତ ଭୂତିଆ, ଦେଓଗାଁ ସରପଞ୍ଚ ବିଜୟ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଜିଲାପାଳ, ଏସ୍‌ପି, ପୂର୍ବତନ ବିଧାୟକଙ୍କ ସମେତ ଅନ୍ୟମାନେ।

# ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ ଜରୁରୀ

ଢେଙ୍କାନାଳ, ୨୪।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ ପାଳନ ଅବସରରେ ଚାରା ରୋପଣ କରାଯାଇଛି। ଢେଙ୍କାନାଳ ରୋଟ୍ରାକ୍ଟ କ୍ଲବ ଏବଂ ଏନ୍‌ଏସ୍‌ଏସ୍‌ର ମିଳିତ ସହଯୋଗରେ ଏହାର ଆୟୋଜନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ଚାରା ରୋପଣ କରି ଏହାର ଶୁଭାରମ୍ଭ କରିଥିଲେ। ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ ଜରୁରୀ ବୋଲି ସେ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଅଧ୍ୟାପିକା ଦୀପ୍ତିବାଳା ମିଶ୍ର, ପୁଷ୍ପଲତା ରଥ, ଅଧ୍ୟାପକ ପ୍ରହ୍ଲାଦ ନାୟକ, ସମରେନ୍ଦ୍ର ସିଂ, ସୁଶୀଲ ନାୟକ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ରୋଟ୍ରାକ୍ଟ କ୍ଲବ ପକ୍ଷରୁ ଅଭିନାଶ ସାହୁ, ଏନ୍‌ଏସ୍‌ଏସ୍‌ର ଭାରପ୍ରାପ୍ତ ଅଧିକାରୀ ଅଧ୍ୟାପକ ଦୁର୍ଗାମାଧବ ପାଣିଗ୍ରାହୀଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ। ଆଗାମୀ ଦିନରେ କ୍ଲବ ପକ୍ଷରୁ ବନୀକରଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ଡ୍ରେନେଜ୍ ସମସ୍ୟା ସମାଧାନ ନିର୍ଦ୍ଦେଶ



ପ୍ରଶାସନିକ ଅଧିକାରୀମାନେ ଡ୍ରେନ୍ ସମସ୍ୟା ଦେଖୁଛନ୍ତି।

ସାତମାଇଲ, ୨୪।୮ (ସୁଶାନ୍ତ ପତି)

**ଆନ୍ଦୋଳନ ଚେତାବନୀ ପରେ ପ୍ରଶାସନିକ ତତ୍ପରତା**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡ୍ ବଜାରରେ ଡ୍ରେନେଜ୍ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବଜାର କମିଟି ପକ୍ଷରୁ ଚେତାବନୀ ଦିଆଯିବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ମୋଟଙ୍ଗା ଥାନା ଆଇଆଇସି ନିରଞ୍ଜନ ସେଠୀ ଗୁରୁବାର ବାସ୍ତବ ସ୍ଥିତି ପରଖିଛନ୍ତି। ବଜାର କମିଟି ସହ ସମନ୍ୱୟ ରକ୍ଷା କରି ତୁରନ୍ତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଠିକାଦାରଙ୍କୁ ଡାକି ନିର୍ଦ୍ଦେଶ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଠିକାଦାରଙ୍କ ଦାୟିତ୍ୱହୀନ କାର୍ଯ୍ୟ ଲାଗି ହିନ୍ଦୋଳ ରୋଡ୍ ଅଞ୍ଚଳରେ ଡ୍ରେନେଜ୍ ସମସ୍ୟା ସାଂଘାତିକ ରୂପ ଧାରଣ କରିଛି। କାମ ଅଧାପନ୍ତରିଆ ହୋଇପଡ଼ିଛି। ଅସରାଏ ବର୍ଷା ହେଲେ ପାଣି ବ୍ୟବସାୟିକ ଅନୁଷ୍ଠାନରେ ପଶୁଛି। ଏ ନେଇ ଗତ ୨୧ ତାରିଖରେ ଓଡ଼ାପଡ଼ାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ବଜାର କମିଟି ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ତଥାପି ପ୍ରଶାସନିକ ତତ୍ପରତା ପ୍ରକାଶ ନ ପାଇବାରୁ ବଜାର କମିଟି ଆନ୍ଦୋଳନ ଚେତାବନୀ ଦେଇଥିଲା। ଗୁରୁବାର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ସମୟରେ କମିଟି ସଭାପତି ରବିନାରାୟଣ ବେହେରା, ସମ୍ପାଦକ ରଣଜିତ୍ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ଅନନ୍ତ ଚରଣ ସାହୁ, ସଭ୍ୟ ମାଧବ ଚନ୍ଦ୍ର ସାହୁ, ବିଶ୍ୱଜିତ ଦେହୁରୀ, ସମରଜିତ ପଟ୍ଟନାୟକ, ମିହିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

